# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**16 September – 2025**

## ସ୍ୱଚ୍ଛତା ହିଁ ସେବା

ସ୍ୱଚ୍ଛତା ହିଁ ସେବା -୨୦୨୫ ଅଭିଯାନ ଆସନ୍ତାକାଲିଠାରୁ ସମଗ୍ର ଦେଶରେ ଆରମ୍ଭ ହେବ । ଏହି ୧୫ ଦିନିଆ ଅଭିଯାନ ଆସନ୍ତା ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ସ୍ୱଚ୍ଛତା ନେଇ ସମ୍ମିଳିତ ଉଦ୍ୟମର ଆବଶ୍ୟକତା ଉପରେ ସଚେତନତା ସୃଷ୍ଟି ଲକ୍ଷ୍ୟନେଇ ଏହି ଅଭିଯାନ ଆରମ୍ଭ କରାଯାଉଛି । ଗ୍ରାମ ତଥା ସହରାଞ୍ଚଳରେ ଏଥିପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଆସନ୍ତା ୨୫ ତାରିଖରେ ଦେଶବ୍ୟାପୀ ସ୍ୱେଚ୍ଛାସେବୀ ଶ୍ରମଦାନ **ଏକ୍ ଦିନ, ଏକ ଘଣ୍ଟା, ଏକ ସାଥ୍** କାର୍ଯ୍ୟକ୍ରମର ଆୟୋଜନ କରାଯିବ ।

## ରାଜ୍ୟପାଳ

ପରିବେଶ ସୁରକ୍ଷା ଓ ଏକ ସୁସ୍ଥ ଭବିଷ୍ୟତକୁ ସୁନିଶ୍ଚିତ କରିବାନେଇ ସାମୂହିକ ପଦକ୍ଷେପର ଆବଶ୍ୟକତା ଉପରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଗୁରୁତ୍ୱ ପ୍ରଦାନ କରିଛନ୍ତି । ଭୁବନେଶ୍ୱରଠାରେ ଗତକାଲି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ୪୨ତମ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେଇ ରାଜ୍ୟପାଳ ବୈଦ୍ୟୁତିକ ଯାନର ବ୍ୟାପକ ବ୍ୟବହାର ପାଇଁ ପରାମର୍ଶ ଦେଇଛନ୍ତି । ଏହା ଦ୍ୱାରା ପ୍ରଦୂଷଣ ଏବଂ ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତା ହ୍ରାସ ପାଇବ । ସ୍ୱଚ୍ଛ ଶକ୍ତିକୁ

ପ୍ରୋତ୍ସାହନ ପ୍ରଦାନ ଲକ୍ଷ୍ୟ ନେଇ ସୌରଶକ୍ତି ବ୍ୟବସ୍ଥାକୁ ଆପଣାଇବାକୁ ରାଜ୍ୟପାଳ ଆହ୍ୱାନ ଦେଇଛନ୍ତି ।

## ଚାରା ରୋପଣ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆସନ୍ତାକାଲି ଜନ୍ମଦିବସ ଅବସରରେ ରାଜ୍ୟରେ ୭୫ ଲକ୍ଷ ଚାରା ରୋପଣର ଲକ୍ଷ୍ୟ ରଖାଯାଇଛି । ଲୋକସେବା ଭବନରେ ଗତକାଲି ଏ ସଂକ୍ରାନ୍ତ ଏକ ପ୍ରସ୍ତୁତି ବୈଠକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଲକ୍ଷ୍ୟ ହାସଲ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଶ୍ରୀ ମାଝୀ ବିଭାଗୀୟ ପଦାଧିକାରୀ ଏବଂ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଇଛନ୍ତି । ଏକ୍ ପେଡ୍ ମା'କେ ନାମ୍ ଦ୍ୱିତୀୟ ପର୍ଯ୍ୟାୟ ଅଭିଯାନ ଅଧୀନରେ ଚାରା ରୋପଣ ସହ ସେଲ୍ଫି ଉଠାଇ ମେରି ଲାଇଫ୍ ପୋର୍ଟାଲ୍ ଏବଂ ଅନ୍ୟ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମରେ ଅପଲୋଡ୍ କରିବାକୁ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ଅନୁରୋଧ କରିଛନ୍ତି ।

## ଭୋଟର ତାଲିକା ସଂଶୋଧନ

ନୂଆପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଆଗାମୀ ଉପନିର୍ବାଚନକୁ ଦୃଷ୍ଟିରେ ରଖି ଜାରି ରହିଥିବା ଭୋଟର ତାଲିକା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ସଂପର୍କରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍. ଗୋପାଳନ୍ ସମୀକ୍ଷା କରିଛନ୍ତି । ଭୁବନେଶ୍ୱରଠାରେ ଅନୁଷ୍ଠିତ ବୈଠକରେ ଶ୍ରୀ ଗୋପାଳନ୍ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ତୃଣମୂଳସ୍ତରରେ

ଅଧିକ କ୍ରିୟାଶୀଳ କରିବା ପାଇଁ ଗୁରୁତ୍ୱ ଦେଇଛନ୍ତି । ରାଜନୈତିକ ଦଳଗୁଡ଼ିକ ବୁଥ୍ ସ୍ତରୀୟ ପ୍ରତିନିଧିଙ୍କ ମାଧ୍ୟମରେ ଏଥିପାଇଁ ପଦକ୍ଷେପ ଗ୍ରହଣ କରିବାକୁ ସେ ପରାମର୍ଶ ଦେଇଛନ୍ତି । ରାଜନୈତିକ ଦଳଗୁଡ଼ିକୁ ଚିଠା ଭୋଟର ତାଲିକା କପି ପ୍ରଦାନ କରାଯାଇଛି ।

## ସର୍ବଦଳୀୟ ବୈଠକ

ଆସନ୍ତା ୧୮ରୁ ୨୫ ତାରିଖ ପର୍ଯ୍ୟନ୍ତ ବିଧାନସଭାର ମୌସୁମୀ ଅଧିବେଶନ ବସିବ । ଏଥିରେ ମୋଟ୍ ୭ଟି କାର୍ଯ୍ୟଦିବସ ରହିଛି । ଏ ନେଇ ଆଜି ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ ।

## ଇଣ୍ଟର୍ଣ୍ଣସିପ୍ କାର୍ଯ୍ୟକ୍ରମ

ଭୁବନେଶ୍ୱର ବିଶ୍ୱ ଦକ୍ଷତା କେନ୍ଦ୍ରର ୨୪ ଜଣ ଛାତ୍ରଛାତ୍ରୀ ସିଙ୍ଗାପୁରର ବିଭିନ୍ନ କମ୍ପାନୀରେ ଦେୟଯୁକ୍ତ ଇଣ୍ଟର୍ଣ୍ଣସିପ୍ କାର୍ଯ୍ୟକ୍ରମ ସଂପନ୍ନ କରିଛନ୍ତି । ୨୦୨୪-୨୫ ଶିକ୍ଷାବର୍ଷର ଏହି ଛାତ୍ରଛାତ୍ରୀମାନେ ସିଙ୍ଗାପୁରଠାରେ ୬ ମାସ ଧରି ଅନୁଷ୍ଠିତ ଇଣ୍ଟର୍ଣ୍ଣସିପ୍ କାର୍ଯ୍ୟକ୍ରମ ସମାପ୍ତ କରି ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଛନ୍ତି । ଦକ୍ଷତା କେନ୍ଦ୍ରର ସ୍କୁଲ୍ ଅଫ୍ ଇଞ୍ଜିନିୟରିଂ ବିଭାଗ ଅଧୀନରେ ଅତ୍ୟାଧୁନିକ ତାଲିମ ଗ୍ରହଣ କରୁଥିବା ଛାତ୍ରଛାତ୍ରୀଙ୍କୁ ଅନ୍ତର୍ଜାତୀୟ ସ୍ତରର ପ୍ରମୁଖ କମ୍ପାନୀରେ କାର୍ଯ୍ୟ କରିବାର ଅନୁଭୂତି ପ୍ରଦାନ ଲକ୍ଷ୍ୟ ନେଇ ଛାତ୍ରଛାତ୍ରୀ ଇଣ୍ଟର୍ଣ୍ଣସିପ୍ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି ।

# ପ୍ରସ୍ତୁତି ବୈଠକ

ଦେଶରେ ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଯାଉଥିବା ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନର ପ୍ରସ୍ତୁତି ନେଇ ମାଲକାନଗିରିଠାରେ ଏକ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅଭିଯାନ ଅଧୀନରେ ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମର କାର୍ଯ୍ୟକାରିତା ନେଇ ବିସ୍ତୃତ ଆଲୋଚନା ହୋଇଛି ।

---

# ଓଜୋନ ଦିବସ

ବାୟୁମଣ୍ଡଳରେ ଓଜୋନ ସ୍ତରର ସଂରକ୍ଷଣ ସଂପର୍କରେ ସଚେତନତା ବୃଦ୍ଧି ଲକ୍ଷ୍ୟନେଇ ଆଜି ବିଶ୍ୱ ଓଜୋନ ଦିବସ ପାଳନ କରାଯାଉଛି। ୧୯୯୪ ମସିହା ଜାତିସଂଘ ମହାସଭା ଓଜୋନ ସ୍ତର ସୁରକ୍ଷା ପାଇଁ ଗ୍ରହଣକରିଥିବା ଐତିହାସିକ ମଣ୍ଟ୍ରିଲ ମାର୍ଗଦର୍ଶିକାକୁ ସ୍ମରଣ କରି ପ୍ରତିବର୍ଷ ସେପ୍ଟେମ୍ବର ୧୬ ତାରିଖରେ ଏହି ଦିବସ ପାଳିତ ହୋଇ ଆସୁଛି । ଚଳିତବର୍ଷର ପ୍ରସଙ୍ଗ ରହିଛି **ବିଜ୍ଞାନରୁ ବିଶ୍ୱ ପଦକ୍ଷେପ ।** ବୈଜ୍ଞାନିକ ଗବେଷଣା ଏବଂ ଓଜୋନ ସ୍ତରକୁ ସଂରକ୍ଷଣ କରିବା ସହ ଜଳବାୟୁ ସୁରକ୍ଷା ଉପରେ ଗୁରୁତ୍ୱ ପ୍ରଦାନର ଲକ୍ଷ୍ୟ ନେଇ ଆଜି ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

---

## ତୀର୍ଥଯାତ୍ରା

ଅଯୋଧ୍ୟା ଓ ବାରଣାସୀ ତୀର୍ଥଯାତ୍ରା ଶେଷକରି କେନ୍ଦ୍ରାପଡ଼ାର ୧୦୮ ଜଣ ବରିଷ୍ଠ ନାଗରିକ ଗତକାଲି ପ୍ରତ୍ୟାବର୍ତ୍ତନ କରିଛନ୍ତି । ଜିଲ୍ଲାପାଳ ରଘୁରାମ ଆର୍. ଆୟାର ଭାସ୍କର ଟକିଜ୍ ଛକଠାରେ ଏଥିପାଇଁ ଆୟୋଜିତ ଏକ ସ୍ୱତନ୍ତ୍ର ସମାବେଶକୁ ନାଗରିକଙ୍କୁ ସ୍ୱାଗତ କରିଛନ୍ତି । ଭୁବନେଶ୍ୱରରୁ ଗତ ୧୦ତାରିଖରେ ଏହି ନାଗରିକମାନେ ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ତୀର୍ଥଯାତ୍ରାରେ ଯାଇଥିଲେ ।

---

## ନୂଆଖାଇ

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ସାନମହେଶ୍ୱର ଗ୍ରାମପଞ୍ଚାୟତ ପକ୍ଷରୁ ସାର୍ବଜନୀନ ନୂଆଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି । ବିଧାୟକ ଅଧୀରାଜ ପାଣିଗ୍ରାହୀ, ପୂର୍ବତନ ସାଂସଦ ବସନ୍ତ କୁମାର ପଣ୍ଡା ଓ ବ୍ଲକ ଉପାଧ୍ୟକ୍ଷ ଗୌତମ ତାଣ୍ଡୀ ପ୍ରମୁଖ ଯୋଗଦେଇ ନୂଆଖାଇ ଭେଟଘାଟର ଆଭିମୁଖ୍ୟ ଉପରେ ଆଲୋକପାତ କରିଛନ୍ତି ।

---

## ସ୍ୱଚ୍ଛତା-ପ୍ରସ୍ତୁତି ବୈଠକ

ନବରଙ୍ଗପୁରଠାରେ ସ୍ୱଚ୍ଛତା ହିଁ ସେବା ଅଭିଯାନର କାର୍ଯ୍ୟାନ୍ୱୟନ ନେଇ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ସାଂସଦ ବଳଭଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଧାୟକ ଗୌରୀଶଙ୍କର ମାଝୀ, ନରସିଂହ ଭତ୍ରା ଏବଂ

ଜିଲ୍ଲାସ୍ତରୀୟ ବରିଷ୍ଠ ଅଧିକାରୀ ଯୋଗଦେଇ ସ୍ୱଚ୍ଛ, ସବୁଜ ଓ ସୁସ୍ଥ ଭବିଷ୍ୟତ ଗଠନ ସଂପର୍କରେ ସଚେତନତା ବୃଦ୍ଧି କାର୍ଯ୍ୟକ୍ରମ ଗୁଡ଼ିକ ଉପରେ ଆଲୋଚନା କରିଛନ୍ତି ।

.......................................................................................